ସୂର୍ଯ୍ୟପ୍ରଭା
SURYAPRAVA

# ଆଇଆଇଟିରେ ଅଟଳ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଆରମ୍ଭ

**ଜଟଣୀ:** ଜଟଣୀସ୍ଥିତ ଭୁବନେଶ୍ୱର ଆଇଆଇଟି କେନ୍ଦ୍ରରେ ଶିକ୍ଷାଦାନ କ୍ଷେତ୍ରରେ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କର ବିକାଶ ନିମନ୍ତେ ଏଆଇସିଟିଇ ଅନୁବନ୍ଧିତରେ ଅଟଳ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଡ଼ିଏସ୍ଆଇର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଯଶବିନ୍ଦର ସିଂ ଆହୁଜା ଯୋଗ ଦେଇଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଡ଼ ଅନିଲ ସହସ୍ରବୁଦ୍ଧ, ଅଟଳ ଏକାଡେମୀ ର ଉପଦେଷ୍ଟା ଡ଼ ମମତାରାଣୀ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ କ୍ଷ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର୍ ରତ୍ନମ ଭି ରାଜକୁମାର ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ କ୍ଷ ଏହି ପରିପ୍ରେକ୍ଷୀରେ ସାମାଜିକ ବିଜ୍ଞାନ ଏବଂ ପରିଚାଳନା ବିଦ୍ୟାଳୟ ଉଦଘାଟିତ ହୋଇଥିଲା । ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଆଇଆଇଟିର ଡିନ୍ ପ୍ରଫେସର ସ୍ୱରୂପ କୁମାର ମହାପାତ୍ର, ଡ଼ ପୂର୍ଣ୍ଣଶ୍ରୀ ପଣ୍ଡା ଯୋଗ ଦେଇଥିବାବେଳେ ପ୍ରାୟ ୨୦୦ ଅଧ୍ୟାପକ ଓ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ ।